# ଆମ ପ୍ରଶାସନ ସମ୍ମାନ ହରାଉଛି କାହିଁକି ?

[୧] ୦୮/୦୧/୧୯୮୯

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗୋଟିଏ ଅନୁନ୍ନତ ରାଜ୍ୟର ଦ୍ରୁତ ବିକାଶ ପାଇଁ ରାଜନୈତିକ ସ୍ଥିରତାର ଆବଶ୍ୟକତା ଯେତିକି ରହିଛି ତା'ଠାରୁ ଯଥେଷ୍ଟ ଅଧିକ ଆବଶ୍ୟକତା ରହିଛି ପ୍ରଶାସନର ଦକ୍ଷତା, ବିଶ୍ୱସନୀୟତା ଓ ପ୍ରତିବଦ୍ଧତାର । ଏକଥା ଅତୀତରେ ଆମେ ସାଧାରଣଭାବେ ବହୁବାର ଆଲୋଚନା କରିଛୁ । ଆଜି କିନ୍ତୁ ଆମ ପ୍ରଶାସନର ଏ ମୌଳିକ ଦୁର୍ବଳତା ବିଷୟରେ କେବଳ ଗୋଟିଏ ବିଭାଗର ଦୃଷ୍ଟାନ୍ତ ଦେଇ ଦୃଷ୍ଟି ଆକର୍ଷଣ କରିବୁ ।

ଆମ ଶିକ୍ଷାବିଭାଗ କଥା ଆଲୋଚନା କରାଯାଉ । ଆଧୁନିକ ବ୍ୟୁରୋକ୍ରାସୀ ସିଦ୍ଧାନ୍ତର ପ୍ରଣେତା ମାକ୍ସ ୱେବରଙ୍କର ଆତ୍ମା ମଧ୍ୟ ଆମ ଶିକ୍ଷା ବିଭାଗ କଥା ଜାଣିଲେ ତାଙ୍କ କବର ଭିତରୁ ନିଶ୍ଚୟ ବିଦ୍ରୋହ କରିବ । ଏ ବିଭାଗର ନିଯୁକ୍ତି, ପଦୋନ୍ନତି, ବେତନହାର ଓ ଅନ୍ୟାନ୍ୟ ସବୁ କିଛି ଏପରି ଅସଙ୍ଗତ, ଅବାନ୍ତର ଏବଂ ମୌଳିକ ଦୃଷ୍ଟିରୁ ଅବାଞ୍ଛିତ ଯେ ବେଳେ ବେଳେ ଆଶ୍ଚର୍ଯ୍ୟ ଲାଗୁଛି କିପରି ଓ କାହିଁକି ଆମ ସମାଜର ସବୁଠାରୁ ଶିକ୍ଷିତ ସଂପ୍ରଦାୟ ଏହାକୁ ବରଦାସ୍ତ କରିଆସିଛନ୍ତି ; କେବଳ ଆଜି ନୁହେଁ, ଗତ ୪୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ? ନିଯୁକ୍ତି ପାଇଁ କୌଣସି ନୀତିନିୟମ ନାହିଁ । କେତେବେଳେ ଲିଖିତ ପରୀକ୍ଷା ତ କେତେବେଳେ ମୌଖିକ । ବର୍ଷେ ପି.ଏସ୍.ସି. ମନୋନୟନ କଲେ ପୁଣି ଆଉ ୫ ବର୍ଷ ଅପେକ୍ଷା କରିବାକୁ ପଡୁଛି ସ୍ୱୀକୃତି ପାଇବାପାଇଁ ! ଗତ ସପ୍ତାହରେ ବହୁବର୍ଷ ଧରି ଅପେକ୍ଷା କରି ରହିଥିବା ଅସ୍ଥାୟୀ ଅଧ୍ୟାପକମାନଙ୍କର ସ୍ଥାୟୀକରଣ ସଂପର୍କୀୟ ନିଷ୍ପତ୍ତି ଅବଶ୍ୟ କ୍ୟାବିନେଟ୍‌ର ଅନୁମୋଦନ ପାଇଲା ବୋଲି ଖବର ପ୍ରକାଶ ପାଇଛି । ତେବେ ମୂଳପ୍ରଶ୍ନ ହେଉଛି, କାହିଁକି ଏପରି ଅବକାଶ ସୃଷ୍ଟି ହେଉଛି ? ଆମ ବ୍ୟବସ୍ଥାର ଅପାରଗତା ଓ ଅସହାୟତା ପାଇଁ ନା ଜାଣିଶୁଣି କେହି ଉଦ୍ଦେଶ୍ୟପ୍ରଣୋଦିତ ଭାବେ ଏ ଅବକାଶ ସୃଷ୍ଟି କରୁଛି ? ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଅନୁରୂପ ଅସଂଗତି ଶିକ୍ଷା ବିଭାଗକୁ ଆକ୍ରାନ୍ତ

## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

କରିଛି । ଅନେକ ହୁଏତ ଜାଣି ନଥିବେ ଯେ ଆମ ଶିକ୍ଷାବିଭାଗରେ ପଦୋନ୍ନତିର ସେପରି କୌଣସି ଏକ ଗ୍ରହଣଯୋଗ୍ୟ ତତ୍ତ୍ୱ ବା ସିଦ୍ଧାନ୍ତ ନାହିଁ । ଅଧ୍ୟାପକଟିଏ ହୋଇଗଲା ପରେ ରିଡର୍, ପ୍ରଫେସର୍ ହେବା ପାଇଁ ଦକ୍ଷ ଅଧ୍ୟାପକକୁ ନିଜର ବରିଷ୍ଠତା, ଦକ୍ଷତା ଅପେକ୍ଷା ଅଧିକ ନିର୍ଭର କରିବାକୁ ପଡୁଛି ସେ ପଢ଼ାଉଥିବା ବିଷୟ ଉପରେ ଓ ତା'ଠାରୁ ଅଧିକ ନିର୍ଭର କରିବାକୁ ପଡୁଛି ନିଜ ଚାକିରି କୁଣ୍ଡଳୀର ଗ୍ରହନକ୍ଷତ୍ର ସାଜିଥିବା ଶିକ୍ଷା ବିଭାଗର ନିର୍ଦ୍ଦେଶକ ଓ ସଚିବମାନଙ୍କର ମର୍ଜି ଉପରେ । କଥା ପ୍ରସଙ୍ଗରେ ଜଣେ ଅଧ୍ୟାପକ ବନ୍ଧୁ କହୁଥିଲେ ଯେ ଖୋଦ୍ ରସେଲ୍ କିମ୍ବା ଡଃ ରାଧାକ୍ରିଷ୍ଣନ୍ ମଧ୍ୟ ଓଡ଼ିଶାର ଶିକ୍ଷାବିଭାଗରେ ଚାକିରି କରିଥିଲେ ସେଇ ଲେକ୍‌ଚରର୍ ପଦବୀରୁ ହିଁ ଅବ୍ୟାହତି ନେବା ପାଇଁ ବାଧ୍ୟ ହୋଇଥାନ୍ତେ, ପ୍ରଫେସର ହୋଇପାରନ୍ତେ ନାହିଁ । ବର୍ଷ ବର୍ଷ ଧରି ଅସହାୟ ଅଧ୍ୟାପକଟି ଏ ଅସଙ୍ଗତ ବ୍ୟବସ୍ଥା ସତ୍ତ୍ୱେ ଯଦିବା କେମିତି ପଦୋନ୍ନତିର ଅବକାଶଟିଏ ପାଏ, ବିଭାଗର ଅପାରଗତା ହେଉ କିମ୍ବା କାହା ପେଞ୍ଚ ଯୋଗୁ ହେଉ ସେଥିରୁ ମଧ୍ୟ ଅନେକ ସମୟରେ ବଂଚିତ ହୁଏ । କେତେବେଳେ ଡି.ପି.ସି. ଠିକ୍ ସମୟରେ ବସିପାରୁ ନାହିଁ, ତାରିଖ ପରେ ତାରିଖ ପଡୁଛି ତ କେତେବେଳେ ତାହା କୌଣସି ସିଦ୍ଧାନ୍ତରେ ଏକମତ ହୋଇପାରୁ ନାହିଁ । ମନ୍ତ୍ରୀ କହୁଛନ୍ତି, ଆଉ ଥରେ ବିଚାର କର । ପୁଣି ବର୍ଷଟିଏ ଗଡ଼ିଯାଉଛି । ପ୍ରତିଭା ଓ ବରିଷ୍ଠତାକୁ ପାଥେୟ କରି ଅପେକ୍ଷା କରି ରହିଥିବା ନିରୀହ ଅଧ୍ୟାପକଟି ବିନା ଦୋଷରେ କେବଳ ଯେ ପଦୋନ୍ନତିରୁ ବଂଚିତ ହେଉଛି ସେତିକି ନୁହେଁ, ସବୁଦିନ ପାଇଁ ନିଜଠାରୁ ବହୁ କନିଷ୍ଠ ସହକର୍ମୀଙ୍କ ଆଗରେ ନିଜର ବରିଷ୍ଠତା ହରାଉଛି । ବ୍ୟବସ୍ଥାର ଏ ବଳାତ୍କାର ଏକ ଅପରାଧ ଏବଂ ଆମ ବିଚାରରେ ଏ ଅପରାଧ କୁଳଦ୍ରୋହଠାରୁ କୌଣସି ଗୁଣରେ କମ୍ ନୁହେଁ ।

ଆମ ଅମଲାତାନ୍ତ୍ରିକ ବ୍ୟବସ୍ଥାକୁ ସଂପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରୁଥିବା ସର୍ବଭାରତୀୟ ପ୍ରଶାସନିକ ସେବାର ପ୍ରତିନିଧିମାନଙ୍କର ଏ ସଂପର୍କୀୟ ଆଭିମୁଖ୍ୟ ଓ ଆଚରଣ ବିଷୟରେ ଚିନ୍ତା କଲାବେଳେ ଆତ୍ମା ଆହୁରି ଅଧିକ ବିଦ୍ରୋହ କରୁଛି । ସେମାନଙ୍କୁ ନିଜର ପଦୋନ୍ନତି, ଚାକିରି ସର୍ତ୍ତାବଳୀ, ବେତନ ହାର ସଂପର୍କରେ ଆଦୌ ଚିନ୍ତା କରିବାକୁ ପଡ଼େନାହିଁ । କମିଶନର୍ ପଦବୀଟି ଖାଲି ପଡ଼ିବା ଆଗରୁ ପଦୋନ୍ନତିର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଆପେ ଆପେ ହୋଇଯାଏ । କେତେବେଳେ କୌଣସି ପଦବୀ ଖାଲି ନ ଥିଲେ, କେତେଗୁଡ଼ିଏ ପଦବୀ ସୃଷ୍ଟି କରିବା ପାଇଁ ସରକାରଙ୍କୁ ବାଧ୍ୟ କରାଯାଏ । ଅଥଚ ନିରୀହ ଅଧ୍ୟାପକଟି ବର୍ଷ ବର୍ଷ ଧରି ଖାଲିପଡ଼ି ରହିଥିବା ପଦବୀ ସତ୍ତ୍ୱେ ନ୍ୟାୟ ପାଇବାକୁ ବଞ୍ଚିତ ହୋଇ ରହେ ।

ୟୁ.ଜି.ସି. ବେତନହାର ପାଇଁ ଅଧ୍ୟାପକମାନେ ଆନ୍ଦୋଳନ କଲେ । ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କର ପରାମର୍ଶ ଓ ପ୍ରତିଶ୍ରୁତି କ୍ରମେ ତାକୁ ସ୍ଥଗିତ ରଖିଲେ । ଏ ସଂପର୍କୀୟ କ୍ୟାବିନେଟ ଉପକମିଟି ୩ ମାସ ମଧ୍ୟରେ ତା'ର ନିଷ୍ପତ୍ତି ସରକାରଙ୍କୁ ଜଣାଇବ ବୋଲି କଥା ହେଲା । ଅଥଚ ୩ ମାସ ବିତିଯାଇଥିଲେ ମଧ୍ୟ କମିଟିକୁ ଗତ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଥରୁଟିଏ ବସି ଆଲୋଚନା କରିବାକୁ ସମୟ ମିଳିଲା ନାହିଁ ! କମିଟି ବସି କ'ଣ ଆଲୋଚନା କଲେ ଆମେ ଜାଣୁନା, କିନ୍ତୁ ତାହା କାଲେ ଆସନ୍ତା ୨୪ ତାରିଖ ମଧ୍ୟରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କୁହାଯାଉଛି । କାହିଁକି ଏ କାଳକ୍ଷେପଣ ନୀତି ଏବଂ ଶ୍ରେଣୀଗତ ମନୋବୃତ୍ତି ? ଯେଉଁ ବ୍ୟବସ୍ଥାରେ ଶିକ୍ଷକ ଓ ଶିକ୍ଷାୟତନ ପ୍ରତି ଏ ପ୍ରକାର ସଙ୍କୀର୍ଣ୍ଣମନୋଭାବ ଓ ହତାଦର ଅଭିମାନଗତ ହେଲାଣି ସେଠାରେ ମାନବିକ ସମଗ୍ର ବିକାଶ କ୍ଷେତ୍ରରେ ଶିକ୍ଷା ବ୍ୟବସ୍ଥାର ଭୂମିକା କଥା ଅଧିକ କ'ଣ କୁହାଯାଇପାରେ ? ଏଥିପାଇଁ ଆମ ପ୍ରଶାସନ ସମ୍ମାନ ହରାଉଛି ।